# ପ୍ରେସ୍ ନୋଟ୍

## ଓଡିଶା ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟି ୪ର୍ଥର ଅନୁଗୋଳ ଜିଲ୍ଲା ଗସ୍ତ ।

ଅନୁଗୋଳ, ତା୦୨.୦୨:- ଓଡିଶା ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟୀ ୪ର୍ଥ ଆଜି ଅପରାହ୍ନରେ ଶ୍ରୀ ଭୁପିନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ । ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସଦସ୍ୟ ଭାବେ ବିଧାୟକ ଶ୍ରୀ ଶଙ୍କର ଓରାମ,ଶ୍ରୀ ମୁକେଶ କୁମାର ପାଲ ଓ ବିଧାୟିକା ସିମାରାଣୀ ନାୟକ ଉପସ୍ଥିତ ଥିଲେ । ଓଡିଶା ବିଧାନସଭାର ଉପ-ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂ ଏହି କମିଟି ସହିତ ସାମିଲ ହୋଇଥିଲେ । କମିଟୀର ସମୀକ୍ଷା ସମୟରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଜାତୀୟ ରାଜପଥ ଓ ରେଳ ଲାଇନ୍ ପାର ହୋଇ ଯେପରି ଛାତ୍ର ଛାତ୍ରୀ ସ୍କୁଲକୁ ନ ଯାଆନ୍ତି ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି । ବନ୍ଦ ଓ ମିଶ୍ରଣ ହେଉଥିବା ସ୍କୁଲଗୁଡିକ ପାଇଁ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଓ ବିଧାୟକଙ୍କ ପରାମର୍ଶ ନେବାକୁ ସ୍ଥିର କରାଯାଇଛି । ରାଜ୍ୟର ନୋଡାଲ ଅଫିସର ପ୍ରତ୍ୟେକ ସ୍କୁଲକୁ ନିୟମିତ ପରିଦର୍ଶନରେ ଆସି ପାଠପଢାର ମାନକୁ ଯାଂଚ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ଷଷ୍ଠରୁ ଉର୍ଦ୍ଧ ଶ୍ରେଣୀରେ ପଢୁଥିବା ଛାତ୍ର ଛାତ୍ରମାନଂକ ପାଇଁ କ୍ରୀଡା ଶ୍ରେଣୀକୁ ପ୍ରଧାନ୍ୟ ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆବଶ୍ୟକ ସ୍ଥଳେ ପାଠ ପଢାରେ ସୁଧାର ଆଣିବା ପାଇଁ ବି.ଆର.ସି.ସି/ସି.ଆର.ସି.ସିଙ୍କ ସ୍କୁଲ ପରିଦର୍ଶନ ସମୟରେ ସେମାନଂକ ଦ୍ୱାରା ଶିକ୍ଷାଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । ଯୁକ୍ତ ୨ ଓ ଯୁକ୍ତ ୩ କଲେଜଗୁଡିକରେ ଛାତ୍ରୀମାନଂକ ପାଇଁ କମନ୍ ରୁମ୍‌ରେ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ କରିବାକୁ ପରାମର୍ଶ ଦିଆଯାଇଛି । ପ୍ରତ୍ୟେକ ବିଦ୍ୟାଳୟରେ ଶୌଚାଳୟ ଓ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲାରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଆଠମଲ୍ଲିକ ଓ ପାଲଲହଡାରେ ୨ଟି ମିନି ଷ୍ଟାଡିୟମ ପ୍ରତିଷ୍ଠା କରାଯିବ । ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବେ କରିବାକୁ ପରାମର୍ଶ ଦିଆଯାଇଛି ।

ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ କମିଟୀକୁ ଅବଗତ କରିଥିଲେ । ଛେଣ୍ଡିପଦାରେ ୧୦ ଏକର ପରିମିତ ଯାଗାରେ ଏକ ସାଇନ୍ସ ପାର୍କ ପ୍ରତିଷ୍ଠା କରାଯିବ ବୋଲି ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଖଣିଜ ପାଣ୍ଠିରେ ଜିଲ୍ଲାରେ ଏକ ବିଶ୍ୱ ସ୍ତରୀୟ ପାଠାଗାର ଓ ୩ଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ବିଦ୍ୟାଳୟ କରାଯିବ । ମଧ୍ୟାହ୍ନ ଭୋଜନର ସୁପରିଚାଳନା ନିମନ୍ତେ ସେଣ୍ଟ୍ରାଲ କିଚେନ୍ ବ୍ୟବସ୍ଥା ବିଭିନ୍ନ ବିଦ୍ୟାଳୟକୁ ନେଇ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ରାସ୍ତା ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ନିମନ୍ତେ ପ୍ରତ୍ୟେକ କଲେଜ ଛାତ୍ର ଛାତ୍ରୀ ହେଲମେଟ ପିନ୍ଧି ଗାଡି ଚଳାଇବା ବାଧ୍ୟତାମୁଳକ ବୋଲି ଅଧକ୍ଷ୍ୟ ପ୍ରକାଶ କରିଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟ ଗୁଡିକରେ ଛାତ୍ରାବାସ, ସ୍ଥାୟୀ ଅଧକ୍ଷ୍ୟ ନିଯୁକ୍ତି ଓ ପାଚେରୀ ନିର୍ମାଣ ସମସ୍ୟା ସମ୍ପର୍କରେ ବିଦ୍ୟାଳୟର କର୍ତ୍ତୃପକ୍ଷ କମିଟୀକୁ ଅବଗତ କରିଥିଲେ । ସମସ୍ତ ଅଣ-ସ୍ୱିକୃତିପ୍ରାପ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ତୁରନ୍ତ ବନ୍ଦ କରିବାକୁ କମିଟୀ ପରାମର୍ଶ ଦେଇଛନ୍ତି । ଖରାଦିନ ପୁର୍ବରୁ ଜିଲ୍ଲାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଉପରେ କମିଟୀ ଗୁରୁତ୍ୱାରୋପ କରିଥିଲେ । ପାଲଲହଡାର ତଫସିଲ ଭୁକ୍ତ ଜନଜାତି ଅଂଚଳରେ ସ୍ୱତନ୍ତ୍ର କଲେଜ ଖୋଲିବା ନିମନ୍ତେ କମିଟୀର ସଦସ୍ୟମାନେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଶିକ୍ଷାର ବିକାଶରେ ରାଜ୍ୟର ବିକାଶ, ତେଣୁ ଜିଲ୍ଲାରେ ଶିକ୍ଷାକୁ ସାର୍ବଜନିନ କରିବା ସହ ଏହାର ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଉପ-ବାଚସ୍ପତି କମିଟୀକୁ ଅବଗତ କରିଥି ଲେ । ଏହି ସମୀକ୍ଷା ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ କଳ୍ପନା ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

